# Akashvani, Sambalpur

## SAMBALPURI NEWS BULLETIN

### 10 September 2024- 6.47- 6.52 am.

**********************************************

ବିଧାନ୍‌ସଭା- ବ୍ୟୟମଞ୍ଜୁରୀ ବିଲ    ଆର୍‌ଏନ୍‌ୟୁ /ସମ୍ବଲପୁର

ବିଧାନ୍‌ସଭା ନ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୪ -୨୫ ଆର୍ଥିକ୍ ବଛର ବଜେଟ୍‌ର ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ କର୍‌ବେ । ଇଟା ନୂଆଁ ସର୍‌କାର୍‌ଙ୍କର୍ ପହେଲା ବଜେଟ୍‌ର ବ୍ୟୟ ମଞ୍ଜୁରୀ ବିଲ୍ ଆଏ । ଇନ ଜନେଇ ଦିଆଯାଇପାରେ ଗଲା ଜୁଲାଇ ୨୫ ତାରିଖ୍ ଦିନ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ମୁଖ୍ୟମନ୍ତ୍ରୀ ବଜେଟ୍ ଉପସ୍ଥାପନ୍ କରିଥିଲେ । ବଜେଟ୍‌ଥି ୨ ଲାଖ୍ ୬୫ ହଜାର୍ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଥିଲା । ଗଲାବଛର୍‌ନୁ ଇଟା ୧୫ ପ୍ରତିଶତ୍ ଅଏତ୍‌କା ଆଏ ।

୩ ବନ୍ଦେ ଭାରତ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ଆଏବା ୧୫ ତାରିଖ୍‌ନୁ ୩ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍ ଚାଲ୍‌ବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ

ଟ୍ରେନ୍‌ମାନ୍‌କୁ ଲୋକାର୍ପଣ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ ଭିତ୍‌ରୁ ଗୁଟେ ଟ୍ରେନ୍ ଟାଟାନଗର୍‌ନୁ ବ୍ରହ୍ମପୁର୍ ଆଉ ୨ ନମ୍ବର୍ ଟ୍ରେନ୍ ହାଓ୍ୱଡ଼ାନୁ ରାଉର୍‌କେଲା ଷ୍ଟେସନ୍ ଭିତ୍‌ରେ ଚାଲ୍‌ବା । ୩ ନମ୍ବର୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍ ରାୟପୁର୍ ନୁ ବିଶାଖାପାଟ୍‌ନା ଭିତ୍‌ରେ ଚଲାଚଲ୍ କର୍‌ବା । ଯେନ୍‌ଟା ରାୟପୁର୍ ଛାଡ଼୍‌ଲା ଉତ୍‌ରୁ ଖରିଆର୍‌ରୋଡ୍, କଂଟାବାଞ୍ଜି, ଟିଟିଲାଗଡ଼୍, କେସିଙ୍ଗା ଆଉ ରାୟଗଡ଼ା ଯିବା ।

ନିଯୁକ୍ତି ମେଳା ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍‌ନ ଆଏବା ୧୨ ତାରିଖ୍ ଗୁରୁବାର୍ ଦିନ ନିଯୁକ୍ତି ମେଳା ହେବା । ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗ୍‌ଥି ନିଯୁକ୍ତି ଲାଗି ମନୋନୀତ୍ ହେଇଥିବା ପ୍ରାର୍ଥୀମାନ୍‌କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇଥିର୍‌ଲାଗି ମନୋନୀତ ପ୍ରାର୍ଥୀମାନେ ସେଦିନ ସଖାଲର୍ ୮ ବଜେ ଉପସ୍ଥିତ୍ ରହିକରି ନିଜର୍ ନାଁ ପଞ୍ଜିକୃତ କର୍‌ବାର୍‌କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

କେନ୍ସର୍ ଉଷୋ- ଜିଏସ୍ଟି ଆର୍ଏନ୍ୟୁ /ସମ୍ବଲପୁର

ଜିଏସ୍ଟି ପରିଷଦ୍ କେନ୍ସର୍ ଉଷୋ ଉପ୍ରୁ ଜିଏସ୍ଟି କମେଇ ଦେଇଛନ୍ । କେନ୍ସର୍ ଉଷୋ ଉପ୍ରେ ଏଛେନ୍ ଥିବା ଶତ୍କଡ଼ା ୧୨ ପ୍ରତିଶତ୍ ସାମଗ୍ରୀ ଆଉ ସେବା ଟିକସ୍କେ ୫ ପ୍ରତିଶତ୍ କମ୍ କରି ଦିଆଯାଇଛେ । ସେଥିର୍ଲାଗି କେନ୍ସର୍ର ଉଷୋ ଶସ୍ତା ହେବା । ଗଲାକାଏଲ୍ ହେଇଥିବା ପରିଷଦ୍ର ୫୪ ନମ୍ବର୍ ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ ।

ସିଟି ପାଠ୍ୟକ୍ରମ-ପ୍ରବେଶିକା ପରୀକ୍ଷା ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ସିଟି ପାଠ୍ୟକ୍ରମ୍ଥି ନାଁଲେଖା ଲାଗି ଆଏବା ୧୨ ତାରିଖ୍ନୁ ପ୍ରବେଶିକା ପରୀକ୍ଷା ମୁଲ୍ ହେବା । ଇ ପରୀକ୍ଷା ୧୫ ତାରିଖ୍ତକ୍ ଚାଲ୍ବା । ଶିକ୍ଷକ୍ ଶିକ୍ଷା ନିର୍ଦ୍ଦେଶାଳୟ ଆର୍ ରାଜ୍ୟ ଶିକ୍ଷା ଗବେଷଣା ଆଉ ପ୍ରଶିକ୍ଷଣ୍ ପରିଷଦ୍ ତର୍ଫୁ ସାମ୍ନ ୱେବ୍ସାଇଟ୍ଥି ଇ ବିଷେ ସୂଚ୍ନା ଦିଆଯାଇଛେ । ଛାତ୍ରଛାତ୍ରୀମାନେ ଇନୁ ଏଡ୍ମିଟ୍କାର୍ଡ଼ ଭିଲ୍ ଡାଉନ୍ଲୋଡ୍ କରିପାର୍ବେ ।

ସିବିଏସ୍‌-ମାଇଗ୍ରେସନ୍‌ ସାର୍ଟିଫିକେଟ      ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ୍‌ ସିବିଏସ୍‌ଇ ତର୍‌ଫୁ ଏତ୍‌କେ ମାଇଗ୍ରେସନ୍‌ ସାର୍ଟିଫିକେଟ୍‌ର ସଫ୍ଟ କପି ଦିଆଯିବା ବଲି ନିଷ୍ପତି ନିଆଯାଇଛେ । ୧୦ ଆର୍‌ ୧୨ କ୍ଲାସ୍‌ ପାସ୍‌ କରିଥିବା ପିଲାମାନ୍‌କର୍‌ ମାଇଗ୍ରେସନ୍‌ ସାର୍ଟିଫିକେଟ୍‌ ମିଲିପାର୍‌ବା । ଇଥି ମାଇଗ୍ରେସନ୍‌ ସାର୍ଟିଫିକେଟ୍‌ର ନକଲ୍‌ କାଗଜ୍‌ ଲାଗି ହେଉଥିବା ଅସୁବିଧାର୍‌ ସମାଧାନ୍‌ ହେଇପାର୍‌ବା । ଇତାର୍‌ଛଡ଼ା ପାସ୍‌ ସାର୍ଟିଫିକେଟ୍‌ ଭିଲ୍‌ ମିଲିପାର୍‌ବା ବଲି ସିବିଏସ୍‌ଇ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ସିଏଚ୍‌ଏସ୍‌ ପରୀକ୍ଷା-୪ ଥାକିଆ ସ୍କ୍ୱାର୍ଡ୍‌     ଆର୍‌ଏନ୍‌ୟୁ /ସମ୍ବଲପୁର

ଉଚ୍ଚମାଧମିକ ଶିକ୍ଷା ପରିଷଦ୍‌-ସିଏଚ୍‌ଏସ୍‌ଇ ତର୍‌ଫୁ ପରୀକ୍ଷାକେ ପୁରା କପିମୁକ୍ତ କର୍‌ବାର୍‌କେ ନୂଆଁ ଯୋଜ୍‌ନା କରାଯାଇଛେ । ଆଏବା ବଛର୍‌ ହେବାର୍‌କେ ଥିବାର୍‌ ଯୁକ୍ତ ୨ ପରୀକ୍ଷାଥି କପି

ଯାଂଚ୍‌କେ କଡ଼ାକଡ଼ି କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇଥର ୪ ଥାକିଆ ସ୍କ୍ୱାର୍ଡ଼ ଗଠନ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ପରିଷଦ୍ ତର୍‌ଫୁ ପହେଲାଥର୍ ଲାଗି କପି ରୁକ୍‌ବାର୍‌କେ ଇଥର ୪ ଥାକିଆ ସ୍କ୍ୱାର୍ଡ଼୍‌କେ ସାମିଲ୍ କରାଯିବା ।

ମଙ୍କିପକ୍ସ- ଦେଶ ସତର୍କତା ମାର୍ଗଦର୍ଶିକା  ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ପହେଲା ମଙ୍କିପକ୍ସ ରୋଗୀ ଚିହ୍ନଟ୍ ହେବାର୍ ଉତ୍‌ରୁ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକା ଲାଗି ମାର୍ଗଦର୍ଶିକା ଜାରି କରାଯାଇଛେ । ମଙ୍କିପକ୍ସ ଆକ୍ରାନ୍ତମାନ୍‌କର୍ ସ୍କ୍ରିନିଂ ଟେଷ୍ଟିଂ ଆଉ କଂଟାକ୍ଟ ଟ୍ରେସିଂ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଏନ୍ତାକି ରୋଗୀ ଆଉ ସନ୍ଦେହ କରାଯାଉଥିବା ଲୁକ୍‌କୁ ସଙ୍ଗରୋଧ ନ ରଖିକରି କେନ୍ତା ଚିକିତ୍ସା କରାଯାଇପାର୍‌ବା ଆଉ ସେଥିର୍‌ଲାଗି ଉପଯୁକ୍ତ ଡାକ୍ତର୍‌ଖାନାମାନ୍‌କର୍ ତାଲିକା ତିଆର୍ କର୍‌ବେ କୁହାଯାଇଛେ । ଆଉ ଇ ଦିଗେ କେନ୍ତା ପ୍ରସ୍ତୁତି କରାଯାଇଛେ ସେଟା ସମୀକ୍ଷା କର୍‌ବାର୍‌କେ ଝନେ ବରିଷ୍ଠ ପ୍ରଶାସନିକ୍ ଅଧିକାରୀଙ୍କୁ ଦାୟିତ୍ୱ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ମନ୍ କି ବାତ୍         ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍‌ବେ । ଇଟାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ୍ କଲ୍ ଦେଇକରି ଭିଲ୍ ଏସ୍‌ଏମ୍‌ଏସ୍ ଜରିଏ ମିଲିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ । ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ ଜରିଏ ଅନ୍‌ଲାଇନ୍‌ଥି ସନ୍ଦେଶ୍ ଦିଆଯାଇପାର୍‌ବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା ।

ବର୍ଷା- ଏନ୍‌ଡିଆର୍‌ଏଫ୍         ଆର୍‌ଏନ୍‌ୟୁ /ସମ୍ବଲପୁର

ବର୍ଷାଥି ବେହାଲ୍ ହେଇଥିବା ୪ ଟା ଜିଲ୍ଲାର୍ ଭିନ୍ ଭିନ୍ ଇଲାକାକେ ମୁଣ୍ଡଲି ନ ଥିବା ଏନ୍‌ଡିଆର୍‌ଏଫ୍ ୩ ନମ୍ବର୍ ବାଟାଲିୟନ୍ ତର୍‌ଫୁ ଶହେ ୧୨ ଝନ୍ ଜବାନ୍‌ଙ୍କୁ ପଠାଯାଇଛେ । ଜବାନ୍ ମାନେ ପୁରୀ, ଗଞ୍ଜାମ୍, ନୟାଗଡ଼୍ ଆର୍ କଟକ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସଜାଗ୍ ରହେବେ ଆଉ ଦର୍‌କାର୍ ପଡ଼୍‌ଲେ ପାଏନ୍ ଲାଗି ଯୋଗାଯୋଗ୍ କଟିଯାଇଥିବା ଇଲାକା ନ ରିଲିଫ୍ ଆଉ ଉଦ୍ଧାର୍ କାମ୍‌ଥି ସାହାଜ୍ କର୍‌ବେ ।

ପାଣିପାଗ       ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଏଜେ ବର୍ଷା ଜାରି ରହିଛେ । ଆଏବା ୧୨ ତାରିଖ୍‌ତକ୍ ଜବର୍ ବର୍ଷା ହେଇପାରେ । ଇଥିର୍‌ଲାଗି ୧୦ ଟା ଜିଲ୍ଲାକେ ରେଡ୍ ୱାର୍ଣ୍ଣିଂ ଆର୍ ୧୨ ଟା ଜିଲ୍ଲାକେ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ହେଲେ ରାଏଜେ ବଡ଼୍ ଧରଣ୍‌ର ବନ୍ୟା ପରିସ୍ଥିତି ନାଇଁନ ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓ ରଞ୍ଜନ୍ କୁମାର୍ ସିଂ କହିଛନ୍ ।